রାମ କାଳୀ ଭଟ୍ଟାଚାର୍ଜୀ

ବନାମ

ପଶ୍ଚିମ ବଙ୍ଗ ରାଜ୍ୟ

ଜୁଲାଇ 25, 1995

[କେ. ରାମାସ୍ୱାମୀ ଏବଂ କେ.ଏସ୍. ପରିପୁର୍ଣ୍ଣନ, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894/1948 ର ପଶ୍ଚିମବଙ୍ଗ (ଅନୁରୋଧ ଏବଂ ଅଧିଗ୍ରହଣ) ଅଧିନିୟମ II:*

*ଧାରା 18(2)/11. 12(2)/ଧାରା 4 -ବିଚାରାର୍ଥେ ପ୍ରେରଣ ଆବେଦନ କରାଯାଇଥିଲା -ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ସେଗୁଡିକ ସୀମାବନ୍ଧନ ବାହାରେ ଥିଲା -ପ୍ରମାଣ ସ୍ୱଚ୍ଛତା ପାଇଁ ବିବାଦର ନିଷ୍ପତ୍ତି ହୋଇପାରିଲା ନାହିଁ- ମାମଲା ବିଚାରାର୍ଥେ ପ୍ରେରଣ ନ୍ୟାୟାଳୟକୁ ପଠାଯାଇଥିଲା ।*

**1948 ର ପଶ୍ଚିମବଙ୍ଗ (ଅନୁରୋଧ ଏବଂ ଅଧିଗ୍ରହଣ) ଅଧିନିୟମ II ଅନୁଯାୟୀ କେତେକ ଜମି ଅଧିଗ୍ରହଣ କରାଯାଇଥିଲା ଏବଂ ଜିଲ୍ଲାପାଳ ଏକ ଅଧିନିର୍ଣ୍ଣୟ ପ୍ରଦାନ କରିଥିଲେ । ଦାବିଦାରମାନେ ଏକ ବିଚାରାର୍ଥେ ପ୍ରେରଣକୁ ଆଗତ କରିଥିଲେ ଏବଂ ଦେୱାନୀ ଅଦାଲତ କ୍ଷତିପୂରଣ ବୃଦ୍ଧି କରିଥିଲେ । ରାଜ୍ୟ ଅପିଲ ଆଗତ କରିଥିଲା ଏବଂ ଉଚ୍ଚ ନ୍ୟାୟାଳୟ ଲକ୍ଷ୍ୟ କରିଥିଲେ ଯେ ବିଚାରାର୍ଥେ ପ୍ରେରଣ ଆବେଦନଗୁଡ଼ିକ ସୀମାବନ୍ଧନ ବାହାରେ କରାଯାଇଥିଲା ତେଣୁ ଦେୱାନୀ ନ୍ୟାୟାଳୟ ରାୟକୁ ନ୍ୟାୟିକ କ୍ଷେତ୍ରାଧିକାରିତାର ବାହାରେ ବୋଲି ନିର୍ଣ୍ଣୟ କରାଯାଇଥିଲା ।**

**ପ୍ରମାଣପତ୍ର ଦ୍ୱାରା ଏହି ଅପିଲଗୁଡିକରେ ଅପିଲକାରୀ ଯୁକ୍ତି ଦର୍ଶାଇଥିଲେ ଯେ ଯେତେବେଳେ ମାର୍ଚ୍ଚ 29, 1951 ରେ ଜିଲ୍ଲାପାଳଙ୍କ ଦ୍ୱାରା ଅଧିନିର୍ଣ୍ଣୟ ସ୍ୱାକ୍ଷରିତ ହୋଇଥିଲା, ସେତେବେଳେ ଫେବୃଆରୀ 6, 1951 ରେ ଅଧିନିୟମର ଧାରା 12(2) ଅନୁଯାୟୀ ସୂଚନା ଜାରି ସଠିକ୍ ନଥିଲା ତେଣୁ ଜୁନ୍ 26, 1951 ଏବଂ ସେପ୍ଟେମ୍ବର 7, 1951 ରେ କରାଯାଇଥିବା ବିଚାରାର୍ଥେ ଆବେଦନଗୁଡିକ ବୈଧ ଏବଂ ସୀମାବନ୍ଧନ ମଧ୍ୟରେ ଥିଲା ।**

**ଅପିଲଗୁଡ଼ିକର ଫଇସଲା କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ କଲେ: 1. ବାସ୍ତବ ଭିତ୍ତି ବିନା ଏହି ବିବାଦର ନିଷ୍ପତ୍ତି କରିବା ବାଞ୍ଛନୀୟ ନୁହେଁ । ଉପଯୁକ୍ତ ପନ୍ଥାଟି ହେବ ଯେ ବିଚାରାର୍ଥେ ପ୍ରେରଣ ନ୍ୟାୟାଳୟ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକୁ ଅନୁଧାନ କରିବା ଉଚିତ:**

**(1) ଧାରା 11 ସହିତ ପଠିତ ଧାରା 12 ଅନୁଯାୟୀ ଆବଶ୍ୟକ ଅଧିନିର୍ଣ୍ଣୟ କେଉଁ ତାରିଖରେ ଭୂ-ଅର୍ଜନ ଅଧିକାରୀଙ୍କ ଦ୍ୱାରା ଆଇନ ଅନୁଯାୟୀ କରାଯାଇଥିଲା ଏବଂ ଧାରା 12(2) ଅନୁଯାୟୀ ଆବଶ୍ୟକ ବିଜ୍ଞପ୍ତି ଦାବିଦାରମାନଙ୍କୁ ପ୍ରଦାନ କରାଯାଇଥିଲା, ଯଦି ସେମାନେ ଧାରା 11 ଅନୁଯାୟୀ ଅଧିନିର୍ଣ୍ଣୟ ଘୋଷଣା କରିବା ସମୟରେ ଉପସ୍ଥିତ ନଥିଲେ କିମ୍ବା ଓକିଲଙ୍କ ମାଧ୍ୟମରେ ହାଜର ହୋଇନଥିଲେ ।**

**(2) ଅଧିନିୟମର ଧାରା 18 (2) ର ବ୍ୟବସ୍ଥା ଅନୁଯାୟୀ ଦିଆଯାଇଥିବା ସୀମା ମଧ୍ୟରେ ଆବେଦନଗୁଡ଼ିକ ଅଛି କି ନାହିଁ ତାହା ନିଷ୍ପତ୍ତି ନେବା ପାଇଁ ଦାବିଦାରମାନେ ଧାରା 18 ଅନୁଯାୟୀ ଆବେଦନଗୁଡ଼ିକ କେଉଁ ତାରିଖରେ ଦାଖଲ କରିଥିଲେ?**

**2. ଏହି ମାମଲାକୁ ବିଚାରାର୍ଥେ ପ୍ରେରଣ ନ୍ୟାୟାଳୟକୁ ପଠାଯାଇଛି, ପ୍ରଥମେ ଏହା ସ୍ଥିର କରିବା ପାଇଁ ଯେ ବିଚାରାର୍ଥେ  ପ୍ରେରଣ ଆବେଦନଗୁଡିକ ଆଇନ ଅନୁଯାୟୀ ସୀମା ମଧ୍ୟରେ କରାଯାଇଥିଲା କି ନାହିଁ । ଯଦି ଫଳାଫଳ ଦାବିଦାରଙ୍କ ସପକ୍ଷରେ ଥାଏ, ତେବେ ଏହାକୁ ଆଇନ ଅନୁଯାୟୀ କ୍ଷତିପୂରଣ ନିଷ୍ପତ୍ତି ନେବାକୁ ପଡିବ । ଯେହେତୁ ଏହା ଏକ ପୁରୁଣା ମାମଲା, ତେଣୁ ଆଦେଶ ପ୍ରାପ୍ତିର 6 ମାସ ମଧ୍ୟରେ ମାମଲାର ଫଇସଲା କରିବାକୁ ସନ୍ଦର୍ଭ ନ୍ୟାୟାଳୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।**

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 1807-09/78 ।

ମୂଳ ଡିକ୍ରି ସଂଖ୍ୟା 338/1958, 339/1958 ଏବଂ 340/1958ରୁ ଅପିଲରେ କଲିକତା ଉଚ୍ଚ ନ୍ୟାୟାଳୟଙ୍କ 28 ସେପ୍ଟେମ୍ବର, 1977 ତାରିଖର ରାୟ ଏବଂ ବିଚାରାଦେଶରୁ ।

ଅପିଲକାରୀମାନଙ୍କ ପାଇଁ ପି.ଏସ୍. ପୋଟୀ, ରଥିନ ଦାସ, ଏସ୍. ମୁରଲୀଧର ଏବଂ ଏସ୍.କେ. ମେହେଟ୍ଟା ।

ଉତ୍ତରଦାତାମାନଙ୍କ ପାଇଁ ତାପସ ରାୟ ଏବଂ ସୁଶ୍ରୀ ଅରୁଣା ବାନାର୍ଜୀ ।

ନ୍ୟାୟାଳୟଙ୍କର ଆଦେଶ ପ୍ରଦାନ କରାଯାଇଥିଲା:

ଏହା ହେଉଛି ଅନୁଚ୍ଛେଦ 133 (1) ଅନୁଯାୟୀ କୋଲକାତା ଉଚ୍ଚ ନ୍ୟାୟାଳୟର 28 ସେପ୍ଟେମ୍ବର, 1977 ତାରିଖର ଆଦେଶ ବିରୁଦ୍ଧରେ ପ୍ରମାଣପତ୍ର ଦ୍ୱାରା ଏକ ଅପିଲ ।

ଏହି ଅପିଲରେ ଏକମାତ୍ର ପ୍ରଶ୍ନ ହେଉଛି ଅପିଲକାରୀଙ୍କ ଦ୍ୱାରା କରାଯାଇଥିବା ବିଚାରାର୍ଥେ ପ୍ରେରଣ ଆବେଦନ ଜମି ଅଧିଗ୍ରହଣ ଅଧିନିୟମ,1894 (ସଂକ୍ଷେପରେ 'ଅଧିନିୟମ')ର ଧାରା 18 (2)ର ସର୍ତ୍ତାବଳୀ

ଅନୁଯାୟୀ ପ୍ରଦାନ କରାଯାଇଥିବା ସୀମା ମଧ୍ୟରେ ଥିଲା କି ନାହିଁ । 1948ର ପଶ୍ଚିମବଙ୍ଗ (ଅନୁରୋଧ ଏବଂ ଅଧିଗ୍ରହଣ) ଅଧିନିୟମ-IIର ଧାରା 4 ଅନୁଯାୟୀ ଅଧିସୂଚନା 1949 ମସିହା ଏପ୍ରିଲ 10 ତାରିଖରେ ପ୍ରକାଶିତ ହୋଇଥିଲା । ନଥି ସୂଚିତ କରିବ ଯେ ଜମି ଅଧିଗ୍ରହଣ ଜିଲ୍ଲାପାଳ ମାର୍ଚ୍ଚ 22, 1951 ରେ ଏହି ଅଧିନିର୍ଣ୍ଣୟ ପ୍ରଦାନ କରିଥିବା ପରି ମନେହୁଏ ଏବଂ ମାର୍ଚ୍ଚ 29, 1951 ରେ ଏହା ସ୍ୱାକ୍ଷର କରିଥିବା ପରି ମନେହୁଏ । ଆମେ ସେହି ଦିଗରେ କୌଣସି ସିଦ୍ଧାନ୍ତ ଦେଉ ନାହୁଁ । ଏଥିରେ ଅସନ୍ତୁଷ୍ଟ ହୋଇ ଦାବିଦାରମାନେ ବିଚାରାର୍ଥେ ପ୍ରେରଣ ମାଗିଥିଲେ ଏବଂ ଦେୱାନୀ ଅଦାଲତ କ୍ଷତିପୂରଣ ବୃଦ୍ଧି କରିଥିଲେ । ରାଜ୍ୟ ସରକାର ଉଚ୍ଚ ନ୍ୟାୟାଳୟଙ୍କଠାରେ ଅପିଲରେ ଆସିଥିଲେ । ଦୁଇଜଣିଆ ଖଣ୍ଡପୀଠ ଲକ୍ଷ୍ୟ କରିଥିଲେ ଯେ ବିଚାରାର୍ଥେ ପ୍ରେରଣ ଆବେଦନଗୁଡିକ ସୀମାବନ୍ଧନ ବାହାରେ କରାଯାଇଥିଲା ତେଣୁ ଦେୱାନୀ ନ୍ୟାୟାଳୟର ରାୟକୁ କ୍ଷେତ୍ରାଧିକାର ବାହାରେ ବୋଲି ଧରାଯାଇଥିଲା । ତେଣୁ, ପ୍ରମାଣପତ୍ର ଦ୍ୱାରା ଏହି ଅପିଲ ।

ଅପିଲକାରୀଙ୍କ ପାଇଁ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ପୋଟି ଯୁକ୍ତି ବାଢ଼ିଥିଲେ ଯେ ଯେତେବେଳେ ମାର୍ଚ୍ଚ 29, 1951 ରେ ଜିଲ୍ଲାପାଳଙ୍କ ଦ୍ୱାରା ଅଧିନିର୍ଣ୍ଣୟ ସ୍ୱାକ୍ଷରିତ ହୋଇଥିଲା, ସେତେବେଳେ ଅଧିନିୟମର ଧାରା 12(2) ଅନୁଯାୟୀ ଫେବୃଆରୀ 6, 1951 ରେ ସୂଚନା ଜାରି ହୋଇଥିବା ସଠିକ୍ ନୁହେଁ ବୋଲି ଜଣାପଡ଼େ ତେଣୁ ଜୁନ୍ 26, 1951 ଏବଂ ସେପ୍ଟେମ୍ବର 7, 1951 ରେ ଦିଆଯାଇଥିବା ବିଚାରାର୍ଥେ ପ୍ରେରଣ ଆବେଦନ ବୈଧ ଅଟେ ଏବଂ ସୀମା ମଧ୍ୟରେ ଅଛି ଏବଂ ଉଚ୍ଚ ନ୍ୟାୟାଳୟ ବିଚାରାର୍ଥେ ପ୍ରେରଣ ଆବେଦନ ସୀମା ବାହାରେ ବୋଲି ବିଚାର କରିବାରେ ନ୍ୟାୟସଙ୍ଗତ ନଥିଲେ ।

ଏହି ପ୍ରସଙ୍ଗରେ ପ୍ରମାଣର ସ୍ୱଚ୍ଛତାକୁ ବିଚାରକୁ ନେଇ ଆମେ ଜାଣିବାକୁ ପାଇଲୁ ଯେ କୌଣସି ବାସ୍ତବ ଭିତ୍ତି ବିନା ଏହି ବିବାଦର ନିଷ୍ପତ୍ତି ନେବା ବାଞ୍ଛନୀୟ ନୁହେଁ । ଆମେ ଭାବୁଛୁ ଯେ ବିଚାରାର୍ଥେ ପ୍ରେରଣ ନ୍ୟାୟାଳୟ ଦ୍ୱାରା ଏହି ପ୍ରଶ୍ନକୁ ଯିବା ଏକ ଉପଯୁକ୍ତ ପ୍ରଣାଳୀ ହେବ:

> (1) ଆଇନ ଅନୁଯାୟୀ, ଧାରା 11 ସହିତ ପଠିତ ଧାରା 12 ଅନୁଯାୟୀ ଆବଶ୍ୟକୀୟ ଅଧିନିର୍ଣ୍ଣୟ କେଉଁ ତାରିଖରେ ଭୂ-ଅର୍ଜନ ଅଧିକାରୀ ପ୍ରଦାନ କରିଥିଲେ ଏବଂ ଧାରା 12(2) ଅନୁଯାୟୀ ଆବଶ୍ୟକୀୟ ସୂଚନା ଦାବିଦାରମାନଙ୍କୁ ପ୍ରଦାନ କରାଯାଇଥିଲା, ଯଦି ସେମାନେ ଅଧିନିର୍ଣ୍ଣୟ ଘୋଷଣା ସମୟରେ ଉପସ୍ଥିତ ନଥିଲେ କିମ୍ବା ଓକିଲଙ୍କ ମାଧ୍ୟମରେ ହାଜର ହୋଇନଥିଲେ?
>
> (2) ଅଧିନିୟମର ଧାରା 18 (2) ର ବ୍ୟବସ୍ଥା ଅନୁଯାୟୀ ଆବେଦନଗୁଡ଼ିକ ସୀମା ମଧ୍ୟରେ ଅଛି କି ନାହିଁ ତାହା ନିଷ୍ପତ୍ତି ନେବା ପାଇଁ ଦାବିଦାରମାନେ କେଉଁ ତାରିଖରେ ଧାରା 18 ଅନୁଯାୟୀ ଆବେଦନଗୁଡ଼ିକ ଦାଖଲ କରିଥିଲେ?

ଯେହେତୁ ଏହି ପ୍ରଶ୍ନଗୁଡ଼ିକ ତଥ୍ୟର ଫଳାଫଳ ଉପରେ ନିର୍ଭର କରେ ଏବଂ ନଥିରେ ଥିବା ପ୍ରମାଣ ଆଧାରରେ ଏ ସମ୍ପର୍କରେ କୌଣସି ସକାରାତ୍ମକ ନିର୍ଣ୍ଣୟ ଲିପିବଦ୍ଧ କରାଯାଇପାରିଲା ନାହିଁ ଆମେ ବିଚାର କରୁଛୁ ଯେ ଉଚ୍ଚ ନ୍ୟାୟାଳୟଙ୍କର ରାୟ ଠିକ୍ ନଥିଲା । ତଦନୁସାରେ, ଏହାକୁ ବାତିଲ କରାଯାଇଛି ଏବଂ ବିଚାରାର୍ଥେ ପ୍ରେରଣ ନ୍ୟାୟାଳୟର ଅଧିନିର୍ଣ୍ଣୟ ଏବଂ ବିଚାରାଦେଶ ମଧ୍ୟ ବାତିଲ କରାଯାଇଛି । ଆଇନ ଅନୁଯାୟୀ ସୀମା ମଧ୍ୟରେ ବିଚାରାର୍ଥେ ପ୍ରେରଣ ଆବେଦନଗୁଡ଼ିକ କରାଯାଇଥିଲା କି ନାହିଁ ତାହା ନିଷ୍ପତ୍ତି ନେବା ପାଇଁ ପ୍ରଥମେ ମାମଲାଟିକୁ ବିଚାରାର୍ଥେ ପ୍ରେରଣ ନ୍ୟାୟାଳୟକୁ ପଠାଯାଇଛି । ଯଦି ଫଳାଫଳ ଦାବିଦାରଙ୍କ ସପକ୍ଷରେ ଥାଏ, ତେବେ ଏହାଙ୍କୁ ଆଇନ ଅନୁଯାୟୀ କ୍ଷତିପୂରଣ ନିଷ୍ପତ୍ତି ନେବାକୁ ପଡିବ । ଯେହେତୁ ଏହା ଏକ ପୁରୁଣା ମାମଲା, ଏହି ନ୍ୟାୟାଳୟର ଆଦେଶ ପ୍ରାପ୍ତ ହେବାର 6 ମାସ ମଧ୍ୟରେ ମାମଲାର ଫଇସଲା କରିବାକୁ ସନ୍ଦର୍ଭ ନ୍ୟାୟାଳୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଉପରୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଅପିଲଗୁଡ଼ିକର ଫଇସଲା କରାଯାଇଛି ।

ଜି.ଏନ୍. ଅପିଲଗୁଡିକ ଫଇସଲା ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।